# NATIONAL NEWS BULLETIN (ODIA)

**21 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖିବା ପାଇଁ ଯୋଗକୁ ଏକ ମାର୍ଗ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଲେ ପ୍ରଧାନମନ୍ତ୍ରୀ

–ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଉତ୍ସାହର ସହ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ

- ଅପରେସନ ସିନ୍ଧୁ ଅଧୀନରେ ଇରାନରେ ଅଟକି ରହିଥିବା ନେପାଳ ଓ ଶ୍ରୀଲଙ୍କା ନାଗରିକଙ୍କୁ ଉଦ୍ଧାର କରିବ ଭାରତ

- ଗତବର୍ଷ ତୁଳନାରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମୋଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ହାର ବୃଦ୍ଧି

ଏବଂ

- ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପ୍ରୋଜେକ୍ଟ ଷ୍ଟାର୍ଟଅପ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଆରମ୍ଭ

## ପିଏମ୍-ଯୋଗ (ଏପି)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିଶ୍ୱର ବିଭିନ୍ନ ପ୍ରାନ୍ତରେ ବୃଦ୍ଧି ପାଉଥିବା ଚାପ, ଅଶାନ୍ତି ଏବଂ ଅସ୍ଥିରତା ମଧ୍ୟରେ ଯୋଗ ଶାନ୍ତିର ପଥ ପ୍ରଦାନ କରିଥାଏ । ଆନ୍ଧ୍ରପ୍ରଦେଶରେ ବିଶାଖାପଟନମ୍‌ଠାରେ

ଏକାଦଶତମ ଅନ୍ତର୍ଜାତୀୟ ଯୋଗଦିବସ  ପାଳନ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଜୀବନରେ ସନ୍ତୁଳନ ରକ୍ଷା କରିବାରେ ଏହା ବିଶେଷ ସହାୟକ ହୋଇଥାଏ । ଆଭ୍ୟନ୍ତରୀଣ ଶାନ୍ତି ବଜାୟ ରଖିବା ପାଇଁ ଯୋଗ ଦିବସକୁ ଏକ ମାର୍ଗ ଭାବେ ଗ୍ରହଣ କରିବାକୁ ପ୍ରଧାନମନ୍ତ୍ରୀ ବିଶ୍ୱ ସଂପ୍ରଦାୟକୁ ଆହ୍ୱାନ ଦେଇଛନ୍ତି । **V/O (PM on Global Policy)**

ଯୋଗ କେବଳ ଏକ ବ୍ୟକ୍ତିଗତ ଅଭ୍ୟାସ ହୋଇ ରହିବା ଉଚିତ ନୁହେଁ ବରଂ ବିଶ୍ୱ ସହଭାଗିତାର ଏକ ମାଧ୍ୟମ ଭାବେ ବିକଶିତ ହେବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଶ୍ୱକୁ ସଂଘର୍ଷରୁ ସହଯୋଗ ଏବଂ ଚାପରୁ ସମାଧାନର ମାର୍ଗ ପ୍ରଦାନ କରିଥାଏ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଯୋଗ ବିଜ୍ଞାନ ଆଧୁନିକ ଗବେଷଣା ମାଧ୍ୟମରେ ବିଶ୍ୱସ୍ତରରେ ପ୍ରସାର କରିବାରେ ଭାରତର ପ୍ରୟାସ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସମସାମୟିକ ଚିକିତ୍ସା ପଦ୍ଧତିରେ ଏହାର ବୈଜ୍ଞାନିକ ପ୍ରାସଙ୍ଗିକତା ପ୍ରତିଷ୍ଠା ହେବାର ଆବଶ୍ୟକତା ରହିଛି ।

ନୂଆଦିଲ୍ଲୀ ଏମ୍ସର ଗବେଷଣା ନିଷ୍କର୍ଷକୁ ଆଧାର କରି ପ୍ରଧାନମନ୍ତ୍ରୀ କହିଛନ୍ତି, ହୃଦ୍‌ରୋଗ ଏବଂ ସ୍ନାୟୁଗତ ରୋଗର ଚିକିତ୍ସାରେ ଯୋଗର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ରହିଛି । ମହିଳାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ସୁସ୍ଥତାରେ ଯୋଗର ଉଲ୍ଲେଖନୀୟ ଅବଦାନ ରହିଛି ବୋଲି ସେ କହିଛନ୍ତି । **V/O (PM Yoga Science)**

ବିଶାଖାପଟନମ୍ କାର୍ଯ୍ୟକ୍ରମରେ ପ୍ରାୟ ୨ ଲକ୍ଷ ୭୨ ହଜାର ଲୋକ ଅଂଶ ଗ୍ରହଣ କରିଥିଲେ । ଏଥିରେ ୪୫ ମିନିଟ୍‌ର ଯୋଗ ଅଧିବେଶନ ଅନୁଷ୍ଠିତ ହୋଇଥିଲା ।

---

# ଗ୍ଲୋବାଲ୍ -ଯୋଗ

ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଉତ୍ସାହର ସହ ଆନ୍ତର୍ଜାତିକ ଯୋଗ ଦିବସ ପାଳନ ହୋଇଥିବା ଖବର ଆମର ହସ୍ତଗତ ହୋଇଛି । ଲଣ୍ଡନର ପ୍ରତୀକାତ୍ମକ ସ୍ଥାନଠାରୁ ଆରମ୍ଭ କରି ଅକ୍ସଫୋର୍ଡ୍ ଏବଂ କେମ୍ବ୍ରିଜ୍‌ର କ୍ୟାମ୍ପସ୍‌ଠାରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜର ବିଭିନ୍ନ ବର୍ଗ ଏବଂ ବୟସର ବ୍ୟକ୍ତି ଅଂଶ ଗ୍ରହଣ କରିଥିଲେ । ବ୍ରିଟେନ୍‌ରେ ଅବସ୍ଥାପିତ ଭାରତୀୟ ହାଇକମିଶନର ବିକ୍ରମ ଦୋରାଇସ୍ୱାମୀ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂକ୍ରାନ୍ତ ସୂଚନା ପ୍ରଦାନ କରିଛନ୍ତି । ନିଉୟର୍କରେ ଭାରତର କନ୍‌ସୁଲେଟ୍ ଜେନେରାଲ୍‌ଙ୍କ ପକ୍ଷରୁ ଟାଇମ୍ସ୍କୋୟାରଠାରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନର ଆୟୋଜନ କରାଯାଇଥିଲା ।

ଜାପାନର ଟୋକିଓସ୍ଥିତ ସୁକିଜି ହୋଙ୍ଗଓ୍ୱାଜି ବୌଦ୍ଧ ମନ୍ଦିରରେ ଏହି ଦିବସ ପାଳିତ ହୋଇଛି । ୨୦୦୦ରୁ ଅଧିକ ଲୋକ ଏଥିରେ ଅଂଶ ଗ୍ରହଣ କରିଥିଲେ ।

ସିଙ୍ଗାପୁରରେ ମଧ୍ୟ ଏଥିପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା । ମ୍ୟାଁମାର, ନିଉଜିଲ୍ୟାଣ୍ଡ, ଫିଜି, ପପୁଆ ନିଉଗିନି, ଟୋଙ୍ଗା ଏବଂ ମଣ୍ଡାରେ ଆଦି ବିଭିନ୍ନ ଅଞ୍ଚଳରେ ଏହି ଦିବସ ଅତ୍ୟନ୍ତ ଉତ୍ସାହ ଏବଂ ଆନ୍ତରିକତାର ସହ ପାଳନ କରାଯାଇଛି ।

## ଯୋଗ ଡେ-ଆକାଶବାଣୀ

ଅନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ନୂଆଦିଲ୍ଲୀସ୍ଥିତ ଆକାଶବାଣୀର ମୁଖ୍ୟାଳୟରେ ଏକ ସ୍ୱତନ୍ତ୍ର ଯୋଗ ଅଧିବେଶନକୁ ପରିଚାଳନା କରାଯାଇଛି । ଆକାଶବାଣୀର ମହାନିର୍ଦ୍ଦେଶକ ଡକ୍ଟର ପ୍ରଗ୍ୟା ପାଲିୱାଲ ଗୌର, ଅତିରିକ୍ତ ମହାନିର୍ଦ୍ଦେଶକ ମଧୁ ନାଗ୍, ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଥିଲେ ।

---

## ନଡ୍ଡା- ଯୋଗା ଡେ

ଏକାଦଶତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଜେପି ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଯୋଗାଭ୍ୟାସ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ଆତ୍ମା ଏବଂ ଦିବ୍ୟଶକ୍ତିକୁ ଏକାଠି କରିବାର ଏକମାତ୍ର ମାଧ୍ୟମ ହେଉଛି ଯୋଗ । ଶ୍ରୀ ନଡ୍ଡା ଦୈନନ୍ଦିନ ଜୀବନରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସୁସ୍ଥ ଜୀବନଶୈଳୀ ପାଇଁ ଯୋଗକୁ ଗ୍ରହଣ କରିବାକୁ ଲୋକମାନଙ୍କୁ ନିବେଦନ କରିଥିଲେ ।

---

## ମୁଖ୍ୟମନ୍ତ୍ରୀ-ଯୋଗ

ଯୋଗର ଅର୍ଥ ସମାନତା ଏବଂ ସନ୍ତୁଳନ । ଚାପମୁକ୍ତ ଜୀବନ ପାଇଁ ଯୋଗ ସାମଗ୍ରିକ ମାର୍ଗଦର୍ଶନ ଦିଏ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ଯୋଗ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୋଗ କୌଣସି ଧର୍ମରେ ସୀମିତ ରହେ ନାହିଁ, ବରଂ ଶାରୀରିକ, ବୌଦ୍ଧିକ, ମାନସିକ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଙ୍ଗମ ।

କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଯୋଗଦିବସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଯୋଗ ଦେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଯୋଗଦିବସ ପାଳନ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି ।

## ଅପରେସନ ସିନ୍ଧୁ

ଇରାନରେ ଅଟକି ରହିଥିବା ନେପାଳ ଏବଂ ଶ୍ରୀଲଙ୍କା ନାଗରିକଙ୍କୁ ଅପରେସନ **ସିନ୍ଧୁ** ଅଧୀନରେ ଫେରାଇ ଆଣିବାକୁ ଭାରତ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଆଞ୍ଚଳିକ ଏକତା ବଜାୟ ରଖିବାରେ ଭାରତର ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନେପାଳ ଏବଂ ଶ୍ରୀଲଙ୍କା ସରକାରଙ୍କ ଅନୁରୋଧ ପରିପ୍ରେକ୍ଷୀରେ ଭାରତ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେହରାନଠାରେ ଥିବା ଭାରତୀୟ ଦୂତାବାସ ଏବେ ଭାରତୀୟ ନାଗରିକଙ୍କ ସହିତ ଏହି ଦୁଇ ଦକ୍ଷିଣ ଏସୀୟ ପଡ଼ୋଶୀ ରାଷ୍ଟ୍ରର ନାଗରିକଙ୍କୁ ସ୍ଥାନାନ୍ତର ନେଇ ସହାୟତା ପ୍ରଦାନ କରୁଛି ।

## ଇସ୍ରାଏଲ୍-ଇରାନ

ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ନବମ ଦିନରେ ପହଞ୍ଚିଛି । ଇରାନର ପରମାଣୁ ଭିତ୍ତିଭୂମିକୁ ଲକ୍ଷ୍ୟ ରଖି ଇସ୍ରାଏଲ୍ ଗତ ରାତିରେ ଆକ୍ରମଣ କରିଛି । କେନ୍ଦ୍ରୀୟ ଇରାନର କ୍ଷେପଣାସ୍ତ୍ର ସଂରକ୍ଷଣ ଏବଂ ଭିତ୍ତିଭୂମି ସ୍ଥାନଗୁଡ଼ିକ ଉପରେ କ୍ରମାଗତ ଆକ୍ରମଣ କରାଯାଇଛି ବୋଲି ଇସ୍ରାଏଲ୍ ସେନା କହିଛି । ଏହି ଆକ୍ରମଣରେ ଜଣେ ବରିଷ୍ଠ ଇରାନୀ କମାଣ୍ଡର ଶୟିଦ ଇଜାଦୀ ପ୍ରାଣ ହରାଇଛନ୍ତି ବୋଲି ଇସ୍ରାଏଲ୍‌ର

ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାର୍ଟଜ୍ କହିଛନ୍ତି। ଇରାନର ଜାତୀୟ ଗଣମାଧ୍ୟମ କହିଛି, ଆଜି ପ୍ରତ୍ୟୁଷରେ ଇରାନ ର ଏକ ପରମାଣୁ ପ୍ରତିଷ୍ଠାନ ଉପରେ ଇସ୍ରାଏଲ୍ ଆକ୍ରମଣ କରିଛି। ଇରାନର ବାୟୁ ପ୍ରତିରକ୍ଷା ବିଭାଗ ଏହାର ପ୍ରତିଜବାବ ଦେଇଥିବା ଗଣମାଧ୍ୟମ କହିଛି ।

ଦକ୍ଷିଣ ଇସ୍ରାଏଲ୍ ସହର ବେରସେବା ଏବଂ ଉତ୍ତର ସହର ହାଇଫା ର କେତେକ ଶିଳ୍ପ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଛି ବୋଲି ଇରାନ କହିଛି । ଇସ୍ରାଏଲ୍ ଜରୁରୀକାଳୀନ ସେବା ଦେଇଥିବା ସୂଚନା ଅନୁଯାୟୀ ତେଲ୍ ଅବିବ୍, ବେରସଭା ଏବଂ ହାଇଫା ରେ ଇରାନ ଆକ୍ରମଣର ପ୍ରଭାବ ପରିଲକ୍ଷିତ ହୋଇଛି । ହାଇଫା ରେ ଅତିକମ୍‌ରେ ୨୩ ଜଣ ଆହତ ହୋଇଛନ୍ତି । ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଅର୍‌ଘାଚୀ କହିଛନ୍ତି, ଇରାନର ପରମାଣୁ କାର୍ଯ୍ୟକ୍ରମ ଶାନ୍ତି ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଥିଲା ।

ଗତକାଲି ଜେନେଭା ଠାରେ ବ୍ରିଟେନ୍, ୟୁରୋପୀୟ ସଂଘ, ଜର୍ମାନୀ ଏବଂ ଫ୍ରାନ୍ସର ପ୍ରତିପକ୍ଷଙ୍କ ସହ ଆଲୋଚନା ପରେ ଶ୍ରୀ ଅର୍‌ଘାଚୀ ଏହି ବିବୃତି ଦେଇଛନ୍ତି ।

ଅନ୍ୟପକ୍ଷରେ ହ୍ୱାଇଟ୍ ହାଉସ୍ କହିଛି, ଏହି ସଂଘର୍ଷରେ ଆମେରିକା ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ କି ନାହିଁ ସେ ସଂପର୍କରେ ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଆଗାମୀ ଦୁଇସପ୍ତାହ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବେ ।

---

## ଡାଇରେକ୍ଟ ଟ୍ୟାକ୍ସ କଲେକ୍ସନ

ଚଳିତ ଆର୍ଥିକବର୍ଷରେ ଗତ ୧୯ ତାରିଖ ସୁଦ୍ଧା ଦେଶର ମୋଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୫ ଦଶମିକ ୪/୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତବର୍ଷ ଏହି ସମୟ ସୁଦ୍ଧା ସଂଗୃହୀତ ଟିକସର ଏହା ୪ ଦଶମିକ ୮/୬ ପ୍ରତିଶତ ଅଧିକ ।

ଏହି ସମୟ ଅବଧି ସୁଦ୍ଧା ଗତବର୍ଷ ୫ ଦଶମିକ ୧/୯ ଲକ୍ଷ କୋଟି ଟଙ୍କା ଟିକସ ସଂଗୃହୀତ ହୋଇଥିଲା । ତେବେ ନିଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୧ ଦଶମିକ ୩/୯ ପ୍ରତିଶତ ହ୍ରାସ ପାଇଛି । ଟିକସ ଅର୍ଥ ଫେରସ୍ତରେ ୫୮ ପ୍ରତିଶତ ବୃଦ୍ଧି ଯୋଗୁଁ ଏହି ହ୍ରାସ ଘଟିଥିବା ଜଣାପଡ଼ିଛି । ଏହା ଦ୍ରୁତ ପ୍ରକ୍ରିୟାକରଣ ଏବଂ ଉନ୍ନତ କରଦାତା ସେବାକୁ ପ୍ରତିଫଳନ କରୁଛି । ଆୟକର ବିଭାଗ ଦେଇଥିବା ସୂଚନା ଅନୁଯାୟୀ ଏହି ସମୟ ସୁଦ୍ଧା ଅଗ୍ରିମ ଟିକସ ସଂଗ୍ରହ ୧ ଲକ୍ଷ ୫୫ ହଜାର କୋଟି ଟଙ୍କାରୁ ଅଧିକ ହୋଇଛି, ଯାହା ପୂର୍ବବର୍ଷ ତୁଳନାରେ ୩ ଦଶମିକ ୮/୭ ପ୍ରତିଶତ ଅଧିକ ।

---

## ଷ୍ଟାର୍ଟଅପ୍ ଚ୍ୟାଲେଞ୍ଜ

ଦେଶରେ ନବୀକରଣୀୟ ଶକ୍ତିକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏକ ଅଭିନବ ପ୍ରୋଜେକ୍ଟ ଷ୍ଟାର୍ଟଅପ୍ ଚ୍ୟାଲେଞ୍ଜ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ନୂତନ ଓ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଛାତ ଉପରେ ସୌରଶକ୍ତି ଇକୋସିଷ୍ଟମକୁ ଅଧିକ ତ୍ୱରାନ୍ୱିତ କରିବା । ୪ଟି ପ୍ରମୁଖ ବର୍ଗରେ ଏଥିପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସେଗୁଡ଼ିକ ହେଉଛି ସୁଲଭତା, ସ୍ଥାୟୀ, ଅନ୍ତର୍ଭୁକ୍ତି ଏବଂ ପରିବେଶଗତ ସ୍ଥିରତା । ଦେଶର ନବସୃଜନକାରୀ ଏବଂ ଷ୍ଟାର୍ଟଅପ୍ ଗୁଡ଼ିକଠାରୁ ଏଥିପାଇଁ ଆବେଦନ ଆହ୍ୱାନ କରାଯାଇଛି ।

ପ୍ରଥମ ପୁରସ୍କାର ବାବଦରେ ୧ କୋଟି ଟଙ୍କା , ଦ୍ୱିତୀୟ ପୁରସ୍କାର ବାବଦରେ ୫୦ଲକ୍ଷ ଟଙ୍କା, ତୃତୀୟ ପୁରସ୍କାର ବାବଦରେ ୩୦ ଲକ୍ଷ ଟଙ୍କା ଏବଂ ୫ଲକ୍ଷ ଟଙ୍କା ଲେଖାଏଁ ୧୦ଟି ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯିବ । ଆସନ୍ତାମାସ ୨୦ ତାରିଖକୁ ଆବେଦନର ଶେଷ ତାରିଖ ଭାବେ ଧାର୍ଯ୍ୟ କରାଯାଇଛି ।